ପ୍ରେସ୍ ନୋଟ୍

# ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ଆରମ୍ଭ ।

ଅନୁଗୋଳ, ତା,୧୬.୧୧:- ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ୨୦୨୧ ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କୋର୍ଟରୁମ୍ ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଦୋହରା ଭୋଟରଙ୍କୁ ବାଦ ଦେବା,ସଠିକ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା, ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା ଓ ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଙ୍କୁ ଅର୍ନ୍ତଭୁକ୍ତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ । ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ତା.୧୫.୧୨.୨୦୨୦ ରିଖ ପର୍ଯ୍ୟନ୍ତ ଚାଲିବ । ମତଦାତାମାନେ ଇଲେକ୍ଟୋରାଲ ଅଫିସରଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ରର ସହାୟତା ନେଇପାରିବେ। ୦୧.୦୧.୨୦୨୧ ତାରିଖ ସୁଦ୍ଧା ଯେଉଁ ମାନଙ୍କର ବୟସ ୧୮ ବର୍ଷ ହୋଇଥିବ ସେମାନେ ଚଳିତ ଭୋଟର ତାଲିକାରେ ସାମିଲ ହୋଇପାରିବେ । ଜିଲ୍ଲାର ପ୍ରତ୍ୟେକ ବୁଥ୍‌ରେ ଜଣେ ଜଣେ ବୁଥ୍ ସ୍ତରୀୟ ଅଧିକାରୀ ଭୋଟର ତାଲିକାର ସଂଶୋଧନ ପାଇଁ କାର୍ଯ୍ୟ କରିବେ । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ପୌରପାଳିକା ନିର୍ବାଚନରେ ପରିଲକ୍ଷିତ ହେଉଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ତାମ୍ରିତ କଲୋନୀ ୧୫ ନମ୍ବର ୱାର୍ଡର ଦୋହରା ମତଦାନ ସମ୍ପର୍କୀତ ସମସ୍ୟା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଉପ-ଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ସ୍ୱାଗତ ବାଷଣ ଦେବା ସହ ଦୋହରା ଭୋଟରଙ୍କୁ ବାଦ ଦେବା ପାଇଁ ହେଲେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପଡିବ ବୋଲି ମତ ପ୍ରକାଶ କରିଥିଲେ । ଏହି ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ମହେନ୍ଦ୍ର କୁମାର ବସ୍ତିଆ, ଭାରତୀୟ ଜନତା ପାର୍ଟିର ସଦସ୍ୟ ଶ୍ରୀ ରଞ୍ଜିତ କୁମାର ଦାସ, ଭାରତୀୟ ଜାତୀୟ କଗ୍ରେସର ଜିଲ୍ଲା ସଭାପତି ଶ୍ରୀ ଆଲୋକ କୁମାର ଦାସ, ବହୁଜନ ସମାଜବାଦୀ ପାର୍ଟିର ବରିଷ୍ଠ ସଦସ୍ୟ ଶ୍ରୀ କୁମୁଦ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର(ନିର୍ବାଚନ) ଶ୍ରୀ ଜାନକୀ ନାଥ ମିଶ୍ର, ଡେପୁଟୀ କଲେକ୍ଟର ମନିଷା ଗୁପ୍ତା , ଓ ଗଣମାଧ୍ୟମର ପ୍ରତିନିଧି ମାନେ ବୈଠକରେ ଯୋଗ ଦେଇଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL